# NATIONAL NEWS BULLETIN (ODIA)
## 16th November - 2025
## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରର ହିତ ଲାଗି ନୂତନ ଯୋଗଦାନର ଚିନ୍ତାଧାରା' ଦେଶବାସୀଙ୍କ ଲାଗି ପ୍ରେରଣାର ଉତ୍ସ ହୋଇ ରହିବ; କହିଲେ ପ୍ରଧାନମନ୍ତ୍ରୀ ।

- ଦେଶର ବିକାଶ ସହ ଯୁବବର୍ଗଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ଜାଗ୍ରତ ଦିଗରେ ଗଣମାଧ୍ୟମର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା; ଉପରାଷ୍ଟ୍ରପତିଙ୍କ ମତବ୍ୟକ୍ତ ।

- ଦେଶବ୍ୟାପୀ ଆଜି ପାଳିତ ହେଉଛି ଜାତୀୟ ପ୍ରେସ୍ ଦିବସ ।

— ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରେସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସୂଚନା ଓ ପ୍ରସାରଣ ମନ୍ତ୍ରୀଙ୍କ ଆଲୋକପାତ ।

- କାତାର୍‌ର ପ୍ରଧାନମନ୍ତ୍ରୀଙ୍କ ସହ ବିଭିନ୍ନ ଦ୍ୱିପକ୍ଷୀୟ, ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗରେ ଆଲୋଚନା କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- କୋଲ୍‌କାତାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ୩୦ ରନ୍‌ରେ ପରାସ୍ତ ହେଲା ଭାରତ ।

# ପି.ଏମ୍. - ବୁଲେଟ୍ ଟ୍ରେନ୍

ରାଷ୍ଟ୍ରପାଇଁ କାର୍ଯ୍ୟ କରିବା ସହିତ କିଛି ନୂତନ ଯୋଗଦାନ କରିବାର ଚିନ୍ତାଧାରା ଦେଶବାସୀଙ୍କ ଲାଗି ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମତବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଗୁଜରାଟ ଗସ୍ତ ଅବସରରେ ଗତକାଲି ସୁରତ୍‌ଠାରେ ଭାରତର ପ୍ରଥମ ବୁଟେଲ୍ ଟ୍ରେନ୍ କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ସେ ଏହା କହିଛନ୍ତି । ଶ୍ରୀ ମୋଦି’ ଭାରତର ମହାକାଶ ଯାତ୍ରାର ସମାନ୍ତରାଳ ଚିତ୍ର ଉପସ୍ଥାପନ କରି ଦେଶର ପ୍ରଥମ ଉପଗ୍ରହ ଉତ୍କ୍ଷେପଣ ସମୟରେ ବୈଜ୍ଞାନିକମାନଙ୍କର ମନୋଭାବ ସର୍ବଦା ସ୍ମରଣୀୟ ବୋଲି କହିଛନ୍ତି । ଦେଶଲାଗି କିଛି ମୂଲ୍ୟବାନ ଯୋଗଦାନ କରିବା ଉପରେ ନିଜର ଜୀବନକୁ ଉତ୍ସର୍ଗ କରିବା ଲାଗି ଏହି ଅବସରରେ ସଙ୍କଳ୍ପ ନେବାଲାଗି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଏହି ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଅଧିକାରୀ ତଥା ଶ୍ରମିକମାନଙ୍କ ଅଭିଜ୍ଞତାକୁ ନେଇ ଏକ ବ୍ଲୁ-ବୁକ୍ ସଂକଳନ କରାଯାଇପାରିଲେ ଭବିଷ୍ୟତରେ ଦେଶବ୍ୟାପୀ ଅଧିକରୁ ଅଧିକ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ସୁରୁଖୁରୁରେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ବର୍ତ୍ତମାନର ମଡେଲ୍‌ରୁ ମିଳିଥିବା ଶିକ୍ଷାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରାଯାଇପାରିଲେ ଏ ଦିଗରେ ଆଉ ବାରମ୍ବାର ପରୀକ୍ଷଣର ଆବଶ୍ୟକତା ରହିବ ନାହିଁ । ଯେକୌଣସି ପ୍ରକଳ୍ପର ପ୍ରସ୍ତୁତି ଉପରେ ନିଖୁଣ ଜ୍ଞାନ ରହିଥିଲେ ହିଁ ଏହାର ଅନୁରୂପ ପ୍ରକଳ୍ପ କରାଯାଇପାରିବ । ଏଭଳି ବ୍ଲୁ-ବୁକ୍ ରେକର୍ଡ଼ କାର୍ଯ୍ୟକାରୀ କରାଗଲେ ରାଷ୍ଟ୍ର ନିର୍ମାଣ ଦିଗରେ ଏହାର ଅବଦାନ ଅତୁଳନୀୟ ହୋଇ ରହିବ । ଏତଦ୍‌ବ୍ୟତୀତ ଛାତ୍ରଛାତ୍ରୀମାନେ ମଧ୍ୟ ଉପକୃତ ହୋଇପାରିବେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ବୁଲେଟ୍ ଟ୍ରେନ୍ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ଏହାକୁ ଉପଯୁକ୍ତ ସମୟରେ ଶେଷ କରିବା ଲାଗି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏଥିରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ପ୍ରକଳ୍ପଟି କୌଣସି ପ୍ରତିବନ୍ଧକ ବିନା ସୁରୁଖୁରୁରେ ଠିକ୍ ସମୟରେ ଶେଷ ହେବ ବୋଲି ସୁନିଶ୍ଚିତ କରିଛନ୍ତି ।

***Voice :.........***

ଭାବ ବିନିମୟ ସମୟରେ ନଭସାରୀର ଶବ୍ଦ ପ୍ରତିହତ କାରଖାନାରେ କାର୍ଯ୍ୟରତ କେରଳର ଜଣେ ଇଞ୍ଜିନିୟରଙ୍କୁ ନିଜ ଅଭିଜ୍ଞତା ସମ୍ପର୍କରେ ଶ୍ରୀ

ମୋଦି ପଚାରିବାରୁ ସେ କହିଥିଲେ, ଦେଶର ପ୍ରଥମ ବୁଲେଟ୍ ଟ୍ରେନ୍ ନିର୍ମାଣ ଦିଗରେ କାର୍ଯ୍ୟ କରୁଥିବାରୁ ସେ ବ୍ୟକ୍ତିଗତ ଭାବେ ଅନେକ ଖୁସି । ଏହି ଐତିହାସିକ ସଫଳତା ସମ୍ପର୍କରେ ସେ ତାଙ୍କର ପରିବାର ସହିତ ମଧ୍ୟ ଭାବ ବିନିମୟ କରିଛନ୍ତି । ଏହାକୁ ଏକ ସ୍ୱପ୍ନର ପ୍ରକଳ୍ପ ଭାବେ ଅଭିହିତ କରିବା ସହିତ ଏହା ତାଙ୍କ ପରିବାର ଲାଗି ମଧ୍ୟ ଗର୍ବର ମୁହୂର୍ତ୍ତ ବୋଲି ସମ୍ପୃକ୍ତ ଇଞ୍ଜିନିୟର କହିଛନ୍ତି । ଏହି ସମୀକ୍ଷା ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଉପସ୍ଥିତ ଥିଲେ ।

## ଭି.ପି. - ନ୍ୟୁଜ୍‌ମେକର ଆୱାର୍ଡ଼ସ

ଯୁବବର୍ଗଙ୍କ ମଧ୍ୟରେ ସକାରାତ୍ମକ ଚିନ୍ତାଧାରା ଜାଗ୍ରତ କରାଇବା ସହିତ ଦେଶର ବିକାଶ ଦିଗରେ ଗଣମାଧ୍ୟମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଆୟୋଜିତ ମନୋରମା ନ୍ୟୁଜ୍‌ମେକର୍ସ ପୁରସ୍କାର-୨୦୨୪ରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଉପରାଷ୍ଟ୍ରପତି କହିଛନ୍ତି, ସମାଜର ଅବହେଳିତ ଲୋକଙ୍କ ସ୍ୱରକୁ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚାଇବା ଦିଗରେ ସାମ୍ବାଦିକତାର ଅବଦାନ ଅତୁଳନୀୟ । ଏକ ନିଶାମୁକ୍ତ ସମାଜ ଗଠନ କରିବା ଦିଗରେ ଜନ ସଚେତନତା ଏବଂ ଏକ ଦାୟିତ୍ୱପୂର୍ଣ୍ଣ ଜନମତ ସୃଷ୍ଟି କରିବା ଦିଗରେ ମଧ୍ୟ

ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି । ଏହି ଅବସରରେ ଉପରାଷ୍ଟ୍ରପତି କେନ୍ଦ୍ର ପର୍ଯ୍ୟଟନ, ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀଙ୍କୁ ମନୋରମା ନ୍ୟୁଜମେକର୍ସ ସମ୍ମାନରେ ସମ୍ମାନିତ କରିଛନ୍ତି । ଶ୍ରୀ ଗୋପୀଙ୍କର ଉଭୟ ଚଳଚ୍ଚିତ୍ର ଏବଂ ରାଜନୀତି କ୍ଷେତ୍ରରେ ନିରନ୍ତର ସଫଳତା ଲାଗି ଉପରାଷ୍ଟ୍ରପତି ପ୍ରଶଂସା କରିଛନ୍ତି ।

## ବୈଷ୍ଣବ - ପ୍ରେସ୍ ଡେ

ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପରିଚାଳନାରେ ପ୍ରେସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଜାତୀୟ ପ୍ରେସ୍ ଦିବସ-୨୦୨୫ ପାଳନ ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ସେ କହିଛନ୍ତି, ଆଜି ଏହି ଅବସରରେ 'ଭୁଲ୍ ତଥ୍ୟକୁ ପ୍ରତିହତ କରିବା ଏବଂ ପ୍ରେସ୍ ପ୍ରତି ବିଶ୍ୱସନୀୟତାକୁ ସଶକ୍ତ କରିବା' ସମ୍ପର୍କିତ ଏକ ବକ୍ତୃତାମାଳା ଆୟୋଜିତ ହୋଇଯାଇଛି । ପ୍ରେସ୍ ଏବଂ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଶ୍ରୀ ବୈଷ୍ଣବ ଅଭିନନ୍ଦନ ଜଣାଇଛନ୍ତି ।

***Voice (Baishnav)*** **:..........**

ଭାରତୀୟ ପ୍ରେସ୍ କାଉନ୍‌ସିଲ୍‌ର ଅଧ୍ୟକ୍ଷ ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇ ଏହି ବକ୍ତୃତାମାଳାରେ ଯୋଗଦେଇ ସାମ୍ବାଦିକତା କ୍ଷେତ୍ରରେ ଜନସାଧାରଣଙ୍କୁ ସଠିକ୍ ତଥ୍ୟ ପ୍ରଦାନ ଦିଗରେ ସାଧୁତା ଓ ନିରନ୍ତର ପ୍ରତିବଦ୍ଧତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଏହି ବକ୍ତୃତାମାଳାରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ଏବଂ ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ପ୍ରମୁଖ ଯୋଗ ଦେଇଥିଲେ ।

୧୯୬୬ ମସିହା ଆଜିର ଦିନରେ ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ପ୍ରତିଷ୍ଠା ହୋଇ ଗଣମାଧ୍ୟମର ଏକ ସ୍ୱାଧୀନ ନୈତିକ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିଆସୁଛି ।

## ଜୟଶଙ୍କର - କାତାର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ଦୋହାଠାରେ କାତାରର ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ମହମ୍ମଦ ବିନ୍ ଅବଦୁଲ୍ ରହମାନ ଅଲ୍ ଥାନି’ଙ୍କ ସାକ୍ଷାତ୍ ଆଲୋଚନା କରିଛନ୍ତି । ବିଶେଷକରି ପଶ୍ଚିମ ଏସିଆର ବିଭିନ୍ନ ପ୍ରସଙ୍ଗ ଏବଂ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ଉପରେ ଦୁଇ ନେତା ଆଲୋଚନା କରିଛନ୍ତି ବୋଲି ଡକ୍ଟର

ଜୟଶଙ୍କର ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇଛନ୍ତି । ଏହି ଆଲୋଚନାରେ ସନ୍ତୋଷ ବ୍ୟକ୍ତ କରି ଡକ୍ଟର ଜୟଶଙ୍କର କହିଛନ୍ତି, କାତାର୍‌ର ପ୍ରଧାନମନ୍ତ୍ରୀଙ୍କ ସହିତ ଦ୍ୱିପକ୍ଷୀୟ ରଣନୀତିକ ଭାଗିଦାରୀ, ଶକ୍ତି, ପୁଞ୍ଜିନିବେଶ ଏବଂ ଜନସମ୍ପର୍କ ଉପରେ ବିସ୍ତୃତ ଆଲୋଚନା ହୋଇଛି । ଭାରତ-କାତାର୍ ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ କାତାର୍‌ର ଅମୀର ଏହି ଅବସରରେ ନିଜର ପ୍ରତିବଦ୍ଧତା ଦୋହରାଇବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । କାତାର୍‌ର ଅମୀରଙ୍କ ଦୂରଦୃଷ୍ଟି ସମ୍ପନ୍ନ ମାର୍ଗଦର୍ଶନରେ ଦୁଇ ଦେଶ ମଧ୍ୟରେ ସହଯୋଗ ଅଧିକ ସମ୍ପ୍ରସାରିତ ହେବା ସହିତ ନୂତନ ସୁଯୋଗ ଅଧିକରୁ ଅଧିକ ସୃଷ୍ଟି ହୋଇପାରିବ ବୋଲି ଡକ୍ଟର ଜୟଶଙ୍କର ଆଶାବ୍ୟକ୍ତ କରିଛନ୍ତି ।

## ଶାହା - ଜୋନାଲ୍ କାଉନ୍‌ସିଲ୍ ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସନ୍ତାକାଲି ହରିୟାଣାର ଫରିଦାବାଦରେ ଉତ୍ତରାଞ୍ଚଳ ଜୋନାଲ ପରିଷଦର ୩୨ତମ ବୈଠକରେ ଅଧ୍ୟକ୍ଷତା କରିବେ। ଏଥିରେ ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନେତୃବୃନ୍ଦ ଯୋଗଦେବେ । ସେଗୁଡ଼ିକ ହେଲା - ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ, ଜମ୍ମୁ କାଶ୍ମୀର, ଲଦାଖ ଏବଂ ଚଣ୍ଡିଗଡ଼ । ସୂଚନା ଅନୁଯାୟୀ,

ଉତ୍ତରାଞ୍ଚଳ ଜୋନାଲ ପରିଷଦର ଏହି ବୈଠକରେ ସଦସ୍ୟ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ସମନ୍ୱୟ, ଜଳ ବଂଟନ ପ୍ରସଙ୍ଗ ଏବଂ ବିକାଶ କାର୍ଯ୍ୟ ସମେତ ବିଭିନ୍ନ ଆଞ୍ଚଳିକ ତଥା ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ରାଜ୍ୟ ପୁନର୍ଗଠନ ଆଇନ-୧୯୫୬ ଅଧୀନରେ ସ୍ଥାପିତ ହୋଇଥିବା ଜୋନାଲ୍ ପରିଷଦଗୁଡ଼ିକ ସଦସ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ବିଭିନ୍ନ ପ୍ରସଙ୍ଗର ସମାଧାନ ଦିଗରେ ପରାମର୍ଶ ଦେଇଥା'ନ୍ତି । ଗତ ୧୧ ବର୍ଷ ମଧ୍ୟରେ ବିଭିନ୍ନ ଜୋନାଲ୍ ପରିଷଦର ମୋଟ୍ ୬୩ଟି ବୈଠକ ଅନୁଷ୍ଠିତ ହୋଇଛି । ଦେଶର ବିକାଶ ଏବଂ ସୁରକ୍ଷା ଦୃଷ୍ଟିକୋଣରୁ ଉତ୍ତରାଞ୍ଚଳ ଜୋନାଲ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

## ଟ୍ରେଡ୍ ଫେୟାର - ଡିଜିଟାଲ୍ ଇଣ୍ଡଆ ପାଭିଲିୟନ୍

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଚାଲିଥିବା ୪୪ତମ ଭାରତ-ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଡିଜିଟାଲ୍ ଇଣ୍ଡିଆ ପାଭିଲିୟନ୍‌ରେ ଡିଜିଟାଲ୍ ଇକୋ ସିଷ୍ଟମ୍ ଯାତ୍ରାର ବିଭିନ୍ନ ଉପକରଣ ପ୍ରଦର୍ଶିତ ହୋଇଛି । ଏହି ପାଭିଲିୟନ୍‌ରେ ଡିଜି-ଲକର୍, ଉମଙ୍ଗ, ମାଇଁ ସ୍କିମ୍, ଏନ୍.ଆଇ.ଏକ୍ସ.ଆଇ., ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ୍ ଏବଂ ଆଧାର ସମ୍ପର୍କିତ ଇ-ଗଭର୍ଣ୍ଣାନ୍ସ ବ୍ୟବସ୍ଥା

ପ୍ରଦର୍ଶିତ ହୋଇଛି । ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ପ୍ରଦର୍ଶନୀ ଡିଜିଟାଲ୍ ଇଣ୍ଡିଆ ଦିଗରେ ସ୍ୱଚ୍ଛତା, ସମାବେଶୀ ଏବଂ ଡିଜିଟାଲ୍ ସଶକ୍ତୀକରଣକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ।

## କ୍ରିକେଟ୍

କୋଲ୍‌କାତାର ଇଡେନ୍ ଗାର୍ଡେନ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାଠାରୁ ୩୦ ରନ୍‌ରେ ପରାସ୍ତ ହୋଇଛି । ଏଥିସହିତ ଏହି ଦୁଇମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଦକ୍ଷିଣ ଆଫ୍ରିକା ୧-୦ରେ ଅଗ୍ରଣୀ ରହିଛି । ୧୨୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ଭାରତ ଦ୍ୱିତୀୟ ଇନିଙ୍ଗ୍‌ସରେ ମାତ୍ର ୯୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା ।

ଗତକାଲିର ସ୍କୋର୍ ୭ ୱିକେଟ୍‌ରେ ୯୩ ରନ୍‌ରୁ ଦକ୍ଷିଣ ଆଫ୍ରିକା ତା'ର ଆଜି ଦ୍ୱିତୀୟ ଇନିଙ୍ଗ୍‌ସ ଆରମ୍ଭ କରି ୧୫୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଦକ୍ଷିଣ ଆଫ୍ରିକା ପକ୍ଷରୁ ଟେମ୍ବା ବାଭୁମାଙ୍କର ଅପରାଜିତ ୫୫ ରନ୍ କରିଥିଲେ । ଗତକାଲି ମ୍ୟାଚ୍ ସମୟରେ ଆହତ ହେବାରୁ ଅଧିନାୟକ ଶୁଭମନ୍ ଗିଲ୍ ରିଟାୟାର୍ଡ୍ ହର୍ଟ ଘୋଷଣା ହେବା ପରେ ଭାରତ ଆଜି ୧୦ ଜଣ ଖେଳାଳୀଙ୍କୁ ନେଇ ମ୍ୟାଚ୍‌ଟି ଖେଳିଥିଲା ।

# ୱାଲର୍ଡ ବକ୍ସିଂ

ଦିଲ୍ଲୀର ସହିଦ ବିଜୟ ସିଂହ ପାଠିକ୍ କ୍ରୀଡ଼ା ପରିସରରେ ଚାଲିଥିବା ବିଶ୍ୱ ବକ୍ସିଂ କପ୍ ପ୍ରତିଯୋଗିତାରେ ଭାରତର ସମସ୍ତ ୪ ଜଣଯାକ ପ୍ରତିଯୋଗୀ ସେମିଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି । ମହିଳା ୪୮ କିଲୋଗ୍ରାମ୍ ବର୍ଗରେ ଭାରତର ମୀନାକ୍ଷି କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ କାଜାଖସ୍ତାନର ବୋଲାତ୍ ଆକ୍‌ବୋତାଙ୍କୁ ପରାସ୍ତ କରିଥିବାବେଳେ ୫୮ କିଲୋଗ୍ରାମ ବର୍ଗରେ ପ୍ରୀତି ଉଜ୍‌ବେକିସ୍ତାନର ଉକ୍‌ତାମୋଭା ନିଗିନାଙ୍କୁ ହରାଇ ଦେଇଛନ୍ତି ।

ପୁରୁଷ ୮୦ କିଲୋଗ୍ରାମ୍ ବର୍ଗରେ ଭାରତର ଅଙ୍କୁଶ’ ଜାପାନର ୱାକାୟା ଗୋ’ଙ୍କ ବିପକ୍ଷରେ ବିଜୟୀ ହୋଇଥିବାବେଳେ ୯୦ କିଲୋଗ୍ରାମ୍ ବର୍ଗରେ ନରେନ୍ଦର ୟୁକ୍ରେନ୍‌ର ମାମାସୋଲିଭ୍ ଖାଲିମ୍‌ଜନ୍’ଙ୍କୁ ପରାସ୍ତ କରି ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି ।

*****